ଧରିତ୍ରୀ
ଭୁବନେଶ୍ୱର, ବୁଧବାର, ୧୪ ମାର୍ଚ୍ଚ, ୨୦୧୮

## ୧୮ରେ ଆଇଆଇଟିର ସମାବର୍ତ୍ତନ ଉତ୍ସବ

# ରାଷ୍ଟ୍ରପତିଙ୍କ ଆଗମନ ପାଇଁ କ୍ୟାମ୍ପସ ଚଳଚଞ୍ଚଳ

କଟଣୀ, ୧୩।୩(ଡି.ଏନ.ଏ.)

କଟଣୀ ଅରଗୁଲସ୍ଥିତ ଇଣ୍ଡିୟାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି (ଆଇଆଇଟି)ର ୬ଷ୍ଠ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୮ ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେବେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ଡ. ଏସ.ସି. ଜମିର ଅନ୍ୟତମ ଅତିଥି ଭାବେ ଯୋଗଦେବେ। ଏଥିପାଇଁ ଆଇଆଇଟି କ୍ୟାମ୍ପସ ଚଳଚଞ୍ଚଳ ହୋଇଉଠିଛି। ସୁରକ୍ଷା ବ୍ୟବସ୍ଥା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୋଲିସ କମିଶନର ୱାଇ. ବି. ଖୁରାନିଆ, ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ ରାୟ, ଡିସିପି ସତ୍ୟବ୍ରତ ଭୋଇ ଓ ଅନ୍ୟ ଅଧିକାରୀମାନେ ମଙ୍ଗଳବାର ଆଇଆଇଟି କ୍ୟାମ୍ପସ ପରିସର, ସଭାସ୍ଥଳ ଆଦି ବୁଲି ଦେଖିବା ସହ ଆଇଆଇଟି ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଉତ୍ସବରେ ୱୁଇଶହ ପିଲାଙ୍କୁ ଡିଗ୍ରୀ ପ୍ରଦାନ କରାଯିବ ବୋଲି ରେଜିଷ୍ଟ୍ରାର ଦେବରାଜ ରଥ କହିଛନ୍ତି। କ୍ୟାମ୍ପସ ମଧ୍ୟରେ ଥିବା ଖେଳପଡିଆରେ ଉତ୍ସବ ଅନୁଷ୍ଠିତ ହେବ। ଉତ୍ସବରେ ନିମନ୍ତ୍ରିତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ବ୍ୟତୀତ ବିଦ୍ୟାର୍ଥୀ, ଅଭିଭାବକ ଓ ଶିକ୍ଷା ଆନୁଷ୍ଠାନର ଷ୍ଟାଫ ଉପସ୍ଥିତ ରହିବେ ବୋଲି ସେ କହିଥିଲେ। ରାଷ୍ଟ୍ରପତିଙ୍କ ଆଗମନ ପରିପ୍ରେକ୍ଷୀରେ ନିର୍ଦ୍ଦେଶକ ପ୍ରଫେସର ଆର. ଭି. ରାଜକୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିନ(ଏକାଡେମୀ) ପ୍ରଫେସର ଏନ.ସି. ସାହୁଙ୍କ ଅଧ୍ୟକ୍ଷତାରେ ଏକ କୋ-ଅର୍ଡିନେଶନ କମିଟି ଗଠନ କରାଯାଇଥିବା ରେଜିଷ୍ଟ୍ରାର ରଥ ସୂଚନା ଦେଇଥିଲେ।